To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ରାମ ମନ୍ଦିର ଉପରେ ସହମତିରେ ହେଉ ନିଷ୍ପତ୍ତି: ଯୋଗୀ



R.N.I. No.-42041/83 Vol-16, Issue No.123, ଭଦ୍ରକ, ବୁଧବାର, ୩୧, ଅକ୍ଟୋବର ୨୦୧୮ ■ Bhadrak Wednesday, 31 October 2018 Rs. 2.00 Pages-8

## ମିଡିଆ ଉପରେ ମାଓ ହମ୍ଲା

# ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁ

- ଡିଡି ନ୍ୟୁଜ୍ ଟିମ୍ ଉପରେ ନକ୍ସଲ ଆକ୍ରମଣ
- ଦୁଇ ପୋଲିସ ଅଧିକାରୀ ସହିଦ୍
- ଅଚ୍ୟୁତାନନ୍ଦଙ୍କୁ ଗାର୍ଡ଼ ଅଫ ଅନର
- ଶହୀଦଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା



ରାୟପୁର/ବଲାଙ୍ଗିର, ୩୦।୧୦ (ସକାଳ ଖବର): ଛତିଶଗଡ଼ ଦନ୍ତେୱାଡ଼ା ଜିଲ୍ଲା ଅନ୍ତର୍ଗତ ଆରନପୁର ଗ୍ରାମ ନିକଟ ନିଲବାୟା ଜଙ୍ଗଲରେ ଆଜି ଦୂରଦର୍ଶନ (ଡିଡି ନ୍ୟୁଜ୍) ଟିମ୍ ଉପରେ ନକ୍ସଲଙ୍କ ପକ୍ଷରୁ ଆକ୍ରମଣ ହୋଇଛି । ଆକ୍ରମଣରେ ଜଣେ ଓଡ଼ିଆ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ନକ୍ସଲଙ୍କ ଆଖିବୁଜା ଗୁଳିଚାଳନା ଫଳରେ ଦୁଇ ଜଣ ପୋଲିସ ଅଧିକାରୀ ଘଟଣାସ୍ଥଳରେ ସହିଦ୍ ହୋଇଛନ୍ତି । ଜଣେ ଯବାନ ମଧ ଗୁରୁତର ଆହତ ହୋଇଛନ୍ତି । ସହିଦ୍ ଦୁଇ ପୋଲିସ ଅଧିକାରୀ ହେଲେ ସବଇନ୍ସପେକ୍ଟର ରୁଦ୍ର ପ୍ରତାପ ଏବଂ ଏଏସଆଇ ମଙ୍ଗଲରାମ ।

ଦିଲ୍ଲୀରୁ ଆସିଥିବା ଦୂରଦର୍ଶନର ଏହି ତିନି ସଦସ୍ୟ ବିଶିଷ୍ଟ ଟିମ୍ ମାଓବାଦୀଙ୍କ ଆମ୍ବୁସ୍ ରେ ଫଶି ଯାଇଥିଲେ । ଏହି ଟିମ୍ ନିର୍ବାଚନୀ ସଂକ୍ରାନ୍ତୀୟ ଖବର ସଂଗ୍ରହ ପାଇଁ ସେଠାକୁ ଯାଇଥିବା ବେଳେ ମାଓବାଦୀ ମାନେ ଏଭଳି ନାରକୀୟ କାଣ୍ଡ ଘଟାଇଥିଲେ । ମୃତକ ଅଚ୍ୟୁତାନନ୍ଦଙ୍କ ଘର ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଘୁଷୁରାମୁଣ୍ଡା ଗ୍ରାମରେ । ଅଚ୍ୟୁତାନନ୍ଦ ପ୍ରଥମେ ଭାରତୀୟ ସେନାରେ ଚାକିରୀ କରୁଥିଲେ । କିଛି ବର୍ଷ ତଳେ ସେ ସେନାରୁ (ଭିଆରଏସ) ସ୍ୱେଚ୍ଛାକୃତ ଅବସର ନେଇ କଟକ ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟରେ **(ପୃଷ୍ଠା-୭)**

## ରାତିରେ ପରୀକ୍ଷା ହେଲା ଅଗ୍ନି-୧ କ୍ଷେପଣାସ୍ତ୍ର



ଭଦ୍ରକ, ୩୦।୧୦ (ସକାଳ ଖବର): ପ୍ରଥମ ଥର ପାଇଁ ଭାରତର ଅନ୍ତଃମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି-୧ର ସଫଳ ପରୀକ୍ଷଣ ହୋଇଛି । ଓଡ଼ିଶାର ଭଦ୍ରକ ଜିଲ୍ଲାସ୍ଥିତ ଅବଦୁଲ କାଲାମ ଦ୍ୱୀପରୁ ଆଜି ଏହି ଅଣୁଅସ୍ତ୍ର ସଂପନ୍ନ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଛି । ଭାରତୀୟ ସେନାର ଷ୍ଟ୍ରେଟେର୍ଜିକ ଫୋର୍ସ କମାଣ୍ଡ ପକ୍ଷରୁ ଏହାର ସଫଳ ପରୀକ୍ଷଣ କରାଯାଇଛି । ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଏହାର ବିକାଶ କରାଯାଇଛି । ଡିଆରଡିଓ ପକ୍ଷରୁ ଏବେ ନିଜର ଅଧିକାଂଶ କ୍ଷେପଣାସ୍ତ୍ରର ରାତ୍ରୀକାଳୀନ ପରୀକ୍ଷଣ କରାଯାଉଛି । କିଛିଦିନ ପୂର୍ବେ ପୃଥ୍ୱୀ କ୍ଷେପଣାସ୍ତ୍ରର ରାତ୍ରୀକାଳୀନ ପରୀକ୍ଷା କରାଯାଇଥିଲା ।

## ବିଧାୟକ ପଦରୁ ଇସ୍ତଫା ଦେବେ କୃଷ୍ଣ ସାଗରିଆ



ଭୁବନେଶ୍ୱର, ୩୦।୧୦ (ସକାଳ ଖବର): କୁନ୍ଦୁଲିରେ ନାବାଳିକା ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ଘଟଣାରେ ପୀଡ଼ିତାଙ୍କୁ ସାମାଜିକ ନ୍ୟାୟ ଦିଆଯାଇପାରିନଥିବାରୁ ନୈତିକତା ଦୃଷ୍ଟିରୁ କଂଗ୍ରେସର କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସାଗରିଆ ନିଜ ପଦରୁ ଇସ୍ତଫା ଦେବେ। ଇସ୍ତଫାପତ୍ର ଦେବାକୁ ଶ୍ରୀ ସାଗରିଆ ବିଧାନସଭା ଆସିଥିଲେ ହେଁ ବାଚସ୍ପତି ଶ୍ରୀ ପ୍ରଦୀପ ଅମାତ୍ ନିଜ ନିର୍ବାଚନ ମଣ୍ଡଳୀ ଗସ୍ତରେ ଯାଇଥିବାରୁ ସେ ଇସ୍ତଫା ଦେଇପାରିନଥିଲେ। ବାଚସ୍ପତି ଆସନ୍ତା ୫ ତାରିଖ ସଧ୍ୟାରେ ଫେରିବେ । ୬ ତାରିଖରେ ବାଚସ୍ପତିଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଶ୍ରୀ ସାଗରିଆ ତାଙ୍କୁ ନିଜ ଇସ୍ତଫା ପତ୍ର ପ୍ରଦାନ କରିବେ ବୋଲି ବିଧାନସଭା ସଚିବାଳୟ ପକ୍ଷରୁ ଜଣାପଡିଛି। ଶ୍ରୀ ସାଗରିଆ ଯଦି ଇସ୍ତଫା ଦିଅନ୍ତି କଂଗ୍ରେସ ଦଳ ତାର ବିରୋଧୀ ଦଳର ମାନ୍ୟତା ହରାଇବ। ବର୍ତ୍ତମାନ ବିଧାନସଭାରେ କଂଗ୍ରେସ ବିଧାୟକ ସଂଖ୍ୟା ୧୫ ଥିବା ବେଳେ ସାଗରିଆଙ୍କ ଇସ୍ତଫା ପରେ ଏହା ୧୪କୁ ହ୍ରାସ ପାଇବ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ତାଙ୍କ ପଦବୀ ହରାଇପାରନ୍ତି।

ଶ୍ରୀ ସାଗରିଆ କହିଛନ୍ତି ଯେ କୁନ୍ଦୁଲି ପୀଡ଼ିତାଙ୍କୁ ନ୍ୟାୟ ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଦୋଷୀକୁ ଏପର୍ଯ୍ୟନ୍ତ ଧରାଗଲା ନାହିଁ ବରଂ ସୁରକ୍ଷା ଯୋଗାଇ ଦିଆଯାଉଛି। ଅନ୍ୟାୟ କରିବା ଅପେକ୍ଷା ଅନ୍ୟାୟ ସହିବା ବଡ ଅପରାଧ। ମା , ଭଉଣୀ ମାନେ ଯେଉଁଠି ନିର୍ଯାତନାର ଶୀକାର ହୋଇଛନ୍ତି ତାହାର ପ୍ରତିବାଦ କରିବାକୁ ପ୍ରତ୍ୟେକ ନାଗରିକ ଆଗଭର ହେବା ଉଚିତ୍ । ଏହି ଇସ୍ତଫା ମା ଭଉଣୀମାନଙ୍କ ମାନସିକ ଶକ୍ତି ବଢାଇବ। ଉକ୍ତ ଘଟଣା ଘଟିବା ପରେ ପୀଡ଼ିତାର ପରିବାରକୁ ନ୍ୟାୟ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ସେ କରିପାରିନଥିବାରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ନିଷ୍ପତି ନେଇଛନ୍ତି ବୋଲି ଶ୍ରୀ ସାଗରିଆ କହିଛନ୍ତି।

ଅପରପକ୍ଷରେ ସାଗରିଆଙ୍କ ଇସ୍ତଫା ସମ୍ପର୍କରେ କଂଗ୍ରେସ ବିଧାୟକ ଡ. ପ୍ରଫୁଲ୍ଲ ମାଝୀ କହିଛନ୍ତି ଯେ ଏହା କଂଗ୍ରେସକୁ ଶକ୍ତ ଧକ୍କା ହେବ। ତାଙ୍କର ଦଳ ସହ ଭଲ ସମ୍ପର୍କ ନଥିଲା। କଣ ପାଇଁ ଇସ୍ତଫା ଦେଉଛନ୍ତି ତାହାସେ ଭାବିପାରୁନାହାନ୍ତି। କୁନ୍ଦୁଲିକୁ ନ୍ୟାୟଦେବା କୌଣସି ଦଳ ଦେଇ ପାରିବନାହିଁ । ଦଳ କେବଳ ଲଢେଇ କରିପାରିବ। ମାତ୍ର ନ୍ୟାୟ ଦେବେ ସରକାର ବା ପ୍ରଶାସନ। ଏହା ତାଙ୍କର ବାହାନା ହୋଇପାରେ। କଂଗ୍ରେସ ଛାଡି **(ପୃଷ୍ଠା-୭)**

# ଆଜି ଷ୍ଟାଚ୍ୟୁ ଅଫ୍ ୟୁନିଟିର ଉଦ୍‌ଘାଟନ



- ଖର୍ଚ୍ଚ ହୋଇଛି ୪୩୦ ମିଲିୟନ ଆମେରିକୀୟ ଡଲାର
- ପ୍ରତିମୂର୍ତ୍ତିର ଉଚ୍ଚତା ୬୦୦ ଫୁଟ୍
- ଉଚ୍ଚ ବେଗରେ ପବନ ଓ ଭୂକମ୍ପକୁ ପ୍ରତିହତ କରିବାର କ୍ଷମତା ରହିଛି
- ବ୍ୟବହୃତ ହୋଇଛି ୨୨ହଜାର ୫୦୦ ମିଲିୟନ ଟନ୍ ସିମେଣ୍ଟ

ଅହମ୍ମଦାବାଦ, ୩୦।୧୦ : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଶତବାର୍ଷିକୀ ଏବଂ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବୁଧବାର ଗୁଜୁରାଟଠାରେ ଜାତୀୟ ଏକତାର ପ୍ରତୀକ ସ୍ୱରୂପ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତିର ଶୁଭ ଉଦ୍‌ଘାଟନ କରିବେ। ୨୯.୯ ନିୟୁତ ଟଙ୍କା ତଥା ୪୩୦ ମିଲିୟନ ଆମେରିକୀୟ ଡଲାର ବ୍ୟୟରେ ସର୍ଦ୍ଦାର ସରୋବର ଡ୍ୟାମ୍ ସନ୍ନିକଟରେ ନିର୍ମିତ ଏହି ଷ୍ଟାଚ୍ୟ ଅଫ୍ ୟୁନିଟି ନିର୍ମାଣ କରାଯାଇଛି। ଏହି ପ୍ରତିମୂର୍ତିରେ ବ୍ୟବହୃତ ହୋଇଥିବା ଲୌହଖଣ୍ଡ ଗୁଡିକ ଲୋହା ନାମକ ଏକ ଅଭିଯାନ ମାଧମରେ ସାରା ଭାରତବର୍ଷରୁ ସଂଗ୍ରହ କରାଯାଇଥିଲା । ୧୮୨ ମିଟର (୬୦୦ ଫୁଟ୍) ଉଚ୍ଚ ବିଶିଷ୍ଟ ଏହି ପ୍ରତିମୂର୍ତି ନ୍ୟୁୟର୍କଠାରେ ଅବସ୍ଥିତ ଷ୍ଟାଚ୍ୟ ଅଫ୍ ଲିବର୍ଟିର ଆକାର ଠାରୁ ଦୁଇଗୁଣ। ଅଧିକ। ରାଜ୍ୟର ମୁଖ୍ୟ ସହର ଅହମଦାବାଦ ଠାରୁ ଏହି ପ୍ରତିମୂର୍ତି ପାଖାପାଖି ୨୦୦ କିଲୋମିଟର (୧୨୫ ମାଇଲ୍) ଦୂରରେ ଅବସ୍ଥିତ। ପ୍ରାୟ ୨,୫୦୦ କୁଶଳୀ କାରିଗରମାନେ ନିରନ୍ତର ପରିଶ୍ରମ କରି ୫୦୦୦ ବର୍ଗଫୁଟ୍ ବ୍ରୋଞ୍ଜକୁ ବ୍ୟବହାର କରି ଏହି ପ୍ରତିମୂର୍ତିକୁ ନିର୍ମାଣ କରୁଛନ୍ତି। ଏଠାକୁ ଯିବା ନିମନ୍ତେ ୩.୫ କିଲୋମିଟର ବିଶିଷ୍ଟ ରାଜପଥ ନିର୍ମାଣ କରାଯିବ ଯାହା ଗୁଜୁରାଟର ସାଧୁ ଦ୍ୱୀପକୁ କେଭାଡିଆ ସହର ସହିତ ସଂଯୋଗ କରିବ। ଏହି ଷ୍ଟାଚ୍ୟ ଅଫ୍ ୟୁନିଟିର ୧୫୩ ମିଟର ଉଚ୍ଚରେ ଏଁକ ଗ୍ୟାଲେରୀ ରହିବ ଯେଉଁଠାରେ ୨୦୦ ପର୍ଯ୍ୟଟକ ଏକତ୍ରିତ ହୋଇ ବନ୍ଧ ଏବଂ ଏହାର ଆଖପାଖ ମନୋଲୋଭା **(ପୃଷ୍ଠା-୭)**

## ଶ୍ରମିକଙ୍କ ମଜୁରୀ ବଢ଼ିଲା

ଭୁବନେଶ୍ୱର, ୩୦।୧୦ (ସକାଳ ଖବର): ରାଜ୍ୟ ସରକାର ଶ୍ରମିକମାନଙ୍କ ଦୈନିକ ମଜୁରି ବୃଦ୍ଧି କରିଛନ୍ତି। ଅଣକୁଶଳୀ ଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରୀ ୨୦୦ରୁ ୨୮୦ ଟଙ୍କାକୁ ବୃଦ୍ଧି କରିଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ୨୨୦ରୁ ୩୨୦ ଟଙ୍କାକୁ, କୁଶଳୀ ଶ୍ରମିକଙ୍କ ମଜୁରୀ୨୪୦ରୁ ୩୭୦, ଉଚ୍ଚ କୁଶଳୀଙ୍କ ମଜୁରୀ୨୬୦ରୁ ୪୩୦କୁ ବୃଦ୍ଧି କରାଯାଇଛି। ଏହାସହ ୧୫ଟି ନିୟୋଜନ ରେ ଠିକା କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି କରାଯାଇଛି।ଏନେଇ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।କ୍ଷୁଦ୍ର ବନ୍ଦର ନିଯୁକ୍ତି ସୂଚୀରେ ସ୍ଥାନିତ ହେବା ପରଠାରୁ କ୍ଷୁଦ୍ର ବନ୍ଦର ମାନଙ୍କରେ କାମ କରୁଥିବା କର୍ମଚାରୀ ମାନେ ଏହି ସର୍ବନିମ୍ନ ମଜୁରୀ ସଂଶୋଧନର ଫାଇଦା ମଧ୍ୟ ହାସଲ କରିପାରିବେ। ରାଜ୍ୟ ସରକାର ଏବଂ ରାଜ୍ୟ ସର୍ବନିମ୍ନ ମଜୁରୀ ଉପଦେଷ୍ଟା ପରିଷଦ ଦରବୃଦ୍ଧି , ଖାଉଟି ମୂଲ୍ୟସୂଚୀ ବଜାର ଦର ଏବଂ ପଡୋଶୀ ରାଜ୍ୟ ମାନଙ୍କର ସର୍ବନିମ୍ନ ମଜୁରୀକୁ ଦୃଷ୍ଟିରେ ରଖି ୩ ବର୍ଷ ପରେ **(ପୃଷ୍ଠା-୭)**



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ



ହୁଣ୍ଡିର ଆୟ (୭.୧୦.୧୮) ୩,୧୨,୧୮୦

## ଗାଈ ମାଲିକ ସାବଧାନ

# ରାସ୍ତାରେ ବୁଲିଲେ ଜୋରିମାନା

### ଚିହ୍ନଟ ପାଇଁ ଲାଗିବ ଇଅର ଟେଗିଙ୍ଗ

ଭୁବନେଶ୍ୱର, ୩୦।୧୦ (ସକାଳ ଖବର): ଏଣିକି ରାଜଧାନୀର ରାସ୍ତାରେ ବୁଲାବୁଲି କରୁଥିବା ଗାଇ ମାନଙ୍କୁ ଧରାଯିବ ଏବଂ ଏମାନଙ୍କ ମାଲିକ ମାନଙ୍କଠାରୁ ଜୋରିମାନା ଆଦାୟ କରାଯିବ ବୋଲି ମେୟର ଅନନ୍ତ ନାରାୟଣ ଜେନା ପ୍ରକାଶ କରିଛନ୍ତି । ଆଜି ସକାଳେ କଳିଙ୍ଗ ଷ୍ଟାଡିୟମ ନିକଟବର୍ତୀ ନୂଆପଲ୍ଲୀର ବେହେରାସାହିଠାରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଯାନକୁ ମେୟର ଉଦଘାଟନ କରିଥିଲେ । ବିଏମସି ମତ୍ସ୍ୟ ପଶୁ ସମ୍ପଦ ବିଭାଗର ମିଳିତ ଉଦ୍ୟମରେ ଏହି ଅଭିଯାନ ଚାଲିବ । ୨୦୧୮ ପୁରୁଷ ବିଶ୍ୱ ହକି କପ୍ ଆରମ୍ଭ ହେବାକୁ ଯାଉଥିବାରୁ ବିଭିନ୍ନ ଦେଶରୁ ଖେଳାଳୀ, ଦର୍ଶକ, ମହାନ ବ୍ୟକ୍ତିଏବଂ ପର୍ଯ୍ୟଟକ ମାନେ ଆସିବେ । ରାଜଧାନୀରେ ଏଣେତେଣେ ବୁଲୁଥିବା ଗାଇ ମାନଙ୍କୁ ବନ୍ଦ କରିବା ପାଇଁ ଇଅର ଟେଗିଙ୍ଗ ପ୍ରଚାର ଅଭିଯାନ ହକି କପ୍ ସରିଲା ପର୍ଯ୍ୟନ୍ତ ନିରନ୍ତର ଭାବେ ଚାଲିବ ।



ଯାହାଫଳରେ ଗାଇ ମାନଙ୍କର ମାଲିକ ସହଜରେ ତାଙ୍କ ପଶୁକୁ ଚିହ୍ନଟ କରିପାରିବେ । ଏପରିକି ପ୍ରାକୃତିକ ବିପର୍ଯ୍ୟୟ, ଚୋରୀ, ବେଆଇନ ଭାବେ ଗୋଚାଲାଣ ବେଳେ ମଧ ମାଲିକ ଜାଣପାରିବେ । ବିଏମସି ଡେପୁଟି କମିଶନର ଶୁଭ୍ରାଂଶୁ ମିଶ୍ର କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ କାନରେ ଯେଉଁ ଟାଗିଂ କରାଯିବ ତାହା ମାଗଣାରେ ହେବ । ପ୍ରଥମ ପର୍ଯ୍ୟାୟରେ ୨ ହଜାର ଗାଇଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଗାଇ ମାଲିକମାନେ ତାଙ୍କ ଗାଇଙ୍କୁ ଭେଟେନାରୀ କ୍ଲିନିକକୁ ନେଇ ଏହି ଟାଗିଂ କରିବେ । ଏହି କାର୍ଯ୍ୟକ୍ରମରେ ବିଏମସିର ଷ୍ଟାଣ୍ଡିଂ କମିଟିର ଅଧକ୍ଷ ବିରଂଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର, ଏସଡିଭିଓ ହୃଷୀକେଶ ସାହୁ, ଭୁବନେଶ୍ୱର ବ୍ଲକ ପଶୁ ସମ୍ପଦ ବିଶେଷଜ୍ଞ ଡ. ଚନ୍ଦ୍ରଶେଖର ରଥ ଉପସ୍ଥିତ ଥିଲେ । ଟାଗିଂ ପରେ ଯଦି ଗାଇମାନେ ରାଜଧାନୀର ରାସ୍ତାରେ ବୁଲାବୁଲି କରିବେ ବିଏମସି ସ୍କ୍ୱାର୍ଡ଼ ଗାଇକୁ ନେଇଯିବ **(ପୃଷ୍ଠା-୭)**

## ଝାରସୁଗୁଡା ବିମାନ ବନ୍ଦରର ସମସ୍ୟା ନେଇ

# ମୋଦିଙ୍କୁ ନବୀନଙ୍କ ଚିଠି



ଭୁବନେଶ୍ୱର, ୩୦।୧୦ (ସକାଳ ଖବର): ଗତ ସେପ୍ଟେମ୍ବର ୨୨ ତାରିଖରେ ଉଦଘାଟିତ ହୋଇଥିବା ଝାରସୁଗୁଡ଼ା ବିମାନ ବନ୍ଦରକୁ ଦେଶର ଅନ୍ୟତମ ବିଶିଷ୍ଟ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମକରଣ କରିବା ଏହି ବିମାନ ବନ୍ଦରରୁ ଏଆର ଇଣ୍ଡିଆ ଫ୍ଲାଇଟ୍ ଭୁବନେଶ୍ୱରରୁ ଦିଲ୍ଲୀ ଭାୟା ଭୁବନେଶ୍ୱର ଉଡ଼ାଣ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଜି ଚିଠି ଲେଖି ଅନୁରୋଧ କରିଛନ୍ତି । ଏହି ଚିଠିରେ ସେ ଦର୍ଶାଇଛନ୍ତି ଯେ, ଦେଶର ପ୍ରଧାନମନ୍ତ୍ରୀଙ୍କ କର କମଳରେଏହି ବିମାନଘାଟି ଉଦଘାଟିତ ହୋଇଥିଲା । ଉଦଘାଟିତ ହେବା ବେଳେ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସେ ସମ୍ପର୍କରେ ବିଧିବଦ୍ଧ ଭାବେ କୌଣସି ନୋଟିଫିକେସନ ବେସାମରିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଲା ନାହିଁ । ଏହା ବ୍ୟତୀତ ବିମାନଘାଟି ଉଦଘାଟନ ପରେଏୟାର ଓଡ଼ିଶା ପକ୍ଷରୁ ବିମାନ ଉଡ଼ାଣ କରାଯାଇଥିଲେ ହେଁ କୌଣସି ସଠିକ୍ କାରଣ ନ ଦର୍ଶାଇ ଗତ ଅକ୍ଟୋବର ୬ ତାରିଖରୁ ହଠାତ୍ ଉଠାଣକୁ ବନ୍ଦ କରିଦେଇଛି । ଯାହାକି ପଶ୍ଚିମ ଓଡ଼ିଶାର ସାଧାରଣ ଲୋକଙ୍କ ଭାବାବେଗକୁ ଆଘାତ ଦେଇଛି । ଯେ କୌଣସି ସଂସ୍ଥା ଦ୍ୱାରା ବିମାନ ଚଳାଚଳ **(ପୃଷ୍ଠା-୭)**

## ହାତୀ ମୃତ୍ୟୁ ମାମଲାରେ ସେସୁକୁ ୧ କୋଟି ଜୋରିମାନା

ଭୁବନେଶ୍ୱର, ୩୦।୧୦ (ସକାଳ ଖବର): ଢ଼େଙ୍କାନାଳ ସଦରର କମଳାଙ୍ଗଠାରେ ବିଦ୍ୟୁତ ତାର ଆଘାତରେ ୭ଟି ହାତୀ ମୃତ୍ୟୁବରଣ କରିଥିବା ସମ୍ପର୍କିତ ଗଣମାଧ୍ୟମରେ ପ୍ରକାଶ ପାଇଥିବା ସମ୍ବାଦ ଆଧାରରେ ଏନଜିଟି ପକ୍ଷରୁ ନିଜ ଆଡ଼ୁ ଏକ ମାମଲା ରୁଜୁ କରାଯାଇଛି । ଏହିଁ ମୃତ୍ୟୁ ପାଇଁ ସେସୁକୁ ଦାୟୀ କରାଯାଇଛି । ଏବଂ ସେଥିପାଇଁ ୧ କୋଟି ଟଙ୍କା ଜୋରିମାନା ମଧ କରାଯାଇଛି । ଏନଜିଟି ପକ୍ଷରୁ ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି । ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ସୁନ୍ଦରୀକୁ ଧରିବା ପାଇଁ ମଧ୍ୟପ୍ରଦେଶ ଟିମ୍‌ର ଉଦ୍ୟମ

ଭୁବନେଶ୍ୱର, ୩୦।୧୦ (ସକାଳ ଖବର): ବାଘୁଣୀ ସୁନ୍ଦରୀକୁ କାବୁ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲେ ହେଁ ସେଥିରେ ସଫଳ ହୋଇ ନାହାନ୍ତି । ମଧ୍ୟପ୍ରଦେଶରୁ ଆସିଥିବା ଟ୍ରାଙ୍କୁଲାଇଜର ଟିମ୍ ଗତକାଲି ଉଦ୍ୟମ କରିଥିଲେ ମଧ ସେମାନେ ବି ଅନୁରୂପ ଭାବେ ସଫଳ ହୋଇପାରି ନାହାନ୍ତି । ବାଘୁଣୀ ସେମାନଙ୍କୁ ମଧ ନାକେଦମ୍ କରିସାରିଲାଣି । ତାକୁ କାବୁ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଉକ୍ତ ଟିମ୍ ପକ୍ଷରୁ କୁହାଯାଇଛି । ଏହି ଟିମରେ ୬ ଜଣ ରହିଛନ୍ତି । ସେମାନେ ବାଘୁଣୀକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**